# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 18th July – 2026

***********************************

## ମୁଖ୍ୟ ସମ୍ବାଦ

- ଶ୍ରୀକ୍ଷେତ୍ରରେ ଚାଲିଛି ଶ୍ରୀଜିଉଙ୍କ ଆଡ଼ପ ମଣ୍ଡପ ବିଜେ ନୀତି ।

— ଆସନ୍ତାକାଲିଠାରୁ ଜନ୍ମବେଦୀରେ ଶ୍ରଦ୍ଧାଳୁଙ୍କୁ ଦେବେ ଦର୍ଶନ ।

- ଜନଜାତିଙ୍କ ବିକାଶକୁ ତ୍ୱରାନ୍ୱିତ କରିବାକୁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଉଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ ।

- ନୂଆଦିଲ୍ଲୀରେ ଆସନ୍ତାମାସରେ ଆୟୋଜିତ ହେବ ଇନ୍‌ଭେଷ୍ଟର୍ସ ରୋଡ୍ ଶୋ' ।

- ୨୦୨୪ ବର୍ଷ ପାଇଁ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା; ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ 'ଲହରୀ' ମନୋନୀତ ।

ଏବଂ

- ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ନେଇ ୧୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା ।

***Puri/R***

# ଆଡ଼ପ ମଣ୍ଡପ ବିଜେ ନୀତି

ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ସନ୍ଧ୍ୟାଧୂପ ନୀତି ପରେ ଭୋଇ ସେବକମାନଙ୍କଦ୍ୱାରା  ଚାରମାଳ ବନ୍ଧା କାର୍ଯ୍ୟ ଜାରି ରହିଛି । ଏହାପରେ ମହାପ୍ରଭୁଙ୍କ ପୁଷ୍ପାଞ୍ଜଳି ଓ ମଙ୍ଗଳାର୍ପଣ କରାଯାଇ ଗୋଟି ପହଣ୍ଡିରେ ଆଡ଼ପ ମଣ୍ଡପକୁ ବିଜେ କରାଯିବ । ଆଡ଼ପ ବିଜେ ଶେଷ ହେବା ପରେ ଆସନ୍ତାକାଲିଠାରୁ ଜନ୍ମବେଦୀରେ ଶ୍ରଦ୍ଧାଳୁ ଶ୍ରୀଜୀଉମାନଙ୍କୁ ଦର୍ଶନ କରିବେ। ପରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଡ଼ପ ଅଭଡ଼ା ଉପଲବ୍ଧ ହେବ। ଶୃଙ୍ଖଳିତ ଦର୍ଶନପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଶ୍ରଦ୍ଧାଳୁଙ୍କୁ ନିବେଦନ କରିଛନ୍ତି ।

***Voice (Aravind Parhi)*** :……….

***HS***

# ଇନ୍‌ଭେଷ୍ଟର୍ସ ରୋଡ୍ ଶୋ୩

ନୂଆଦିଲ୍ଲୀରେ ଆସନ୍ତା ମାସରେ ଇନ୍‌ଭେଷ୍ଟର୍ସ ରୋଡ୍ ଶୋ' ଆୟୋଜିତ ହେବ ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରୋଡ୍ ଶୋ'ରେ ଓଡ଼ିଶା ଦଳର ନେତୃତ୍ୱ ନେବେ । ଏଥିରେ ମୁଖ୍ୟତଃ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ

କରାଯିବ । ଗତ ୨ ବର୍ଷ ମଧ୍ୟରେ ରାଜ୍ୟରେ ଅଧିକ ପୁଞ୍ଜିନିବେଶ ହେବା ସହିତ ଶିଳ୍ପାୟନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ନିୟମିତ ପୁଞ୍ଜିନିବେଶ, ଶିଳ୍ପ ପ୍ରତିଷ୍ଠା ଓ ନିଯୁକ୍ତି ଉପରେ ସରକାର ଗୁରୁତ୍ୱ ଦେବା ସହିତ ସମୀକ୍ଷା କରୁଛନ୍ତି । ରାଜ୍ୟର ଯୁବପିଢ଼ିଙ୍କୁ ଶିଳ୍ପାନୁକୂଳ ଦକ୍ଷତା ପ୍ରଦାନପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

***Desk***

## ରାଜ୍ୟପାଳ - ଶ୍ରବଣବାଧିତ ବାଳିକା

ଭୁବନେଶ୍ୱର ଲୋକଭବନସ୍ଥିତ ଅଭିଷେକ ହଲ୍‌ରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଶ୍ରବଣ ଶକ୍ତିବାଧିତ ବାଳିକାମାନଙ୍କ ସହିତ ଭାବ ବିନିମୟ କରିଛନ୍ତି । ଏହି ଅବସରରେ ରାଜ୍ୟପାଳ' ଶ୍ରବଣ ଶକ୍ତିବାଧିତ ବାଳିକାଙ୍କ ନିମନ୍ତେ ଦକ୍ଷତା ବିକାଶ ଓ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟର ଶିଳ୍ପକ୍ଷେତ୍ର ସହ ସେମାନଙ୍କୁ ଯୋଡ଼ିବାପାଇଁ ଆଗାମୀ ଦିନରେ ପ୍ରୟାସ କରାଯିବ । ଏହାଦ୍ୱାରା ସେମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇ ସମ୍ମାନଜନକ ଜୀବନ ଯାପନ କରିପାରିବେ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଛନ୍ତି ।

# ଏମ୍ସ - ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ - ଏମ୍ସ ଆଜି ତା'ର ଷଷ୍ଠ ସମାବର୍ତ୍ତନ ଉତ୍ସବ ପାଳନ କରିଛି । କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ଯୋଗଦେଇ କହିଛନ୍ତି, ଚିକିତ୍ସା ଶିକ୍ଷା, ଗବେଷଣା, ନବସୃଜନ ଏବଂ ରୋଗୀ ସେବାରେ ପ୍ରତିଷ୍ଠାନର ଉତ୍କର୍ଷତା ଯାତ୍ରାରେ ଆଜି ଏକ ନୂଆ ଅଧ୍ୟାୟ ଯୋଡ଼ିହୋଇଛି । ଡାକ୍ତରୀ ବୃତ୍ତିକୁ ଦାୟିତ୍ୱ, ପ୍ରତିବଦ୍ଧତା ଏବଂ ସେବା ମନୋଭାବ ସହ ନିର୍ବାହ କରିବାପାଇଁ ସ୍ନାତକ ଡାକ୍ତରମାନଙ୍କୁ ଶ୍ରୀମତୀ ପଟେଲ୍ ପରାମର୍ଶ ଦେଇଛନ୍ତି ।

***Voice (Anupriya Patel)*** :........

କେନ୍ଦ୍ର ସରକାର ଏମ୍ସରେ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଉନ୍ନତ ଚିକିତ୍ସା ଓ ଗବେଷଣା ସୁଯୋଗ ପ୍ରଦାନ କରୁଛନ୍ତି । ସୁଲଭ ସ୍ୱାସ୍ଥ୍ୟସେବା ପ୍ରତି କେନ୍ଦ୍ର ସରକାରଙ୍କ ପଦକ୍ଷେପ ଉପରେ ମତବ୍ୟକ୍ତ କରି ଶ୍ରୀମତୀ ପଟେଲ୍ କହିଛନ୍ତି, ଡିଜିଟାଲ୍ ସ୍ୱାସ୍ଥ୍ୟ ପଦକ୍ଷେପ ମାଧ୍ୟମରେ ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବର୍ତ୍ତମାନ ଦେଶରେ ୮୨୦ଟି ମେଡିକାଲ୍ କଲେଜ, ପ୍ରାୟ ୧ ଲକ୍ଷ ୨୯ ହଜାର ମେଡିକାଲ୍ ସିଟ୍ ଏବଂ ୮୫ ହଜାର ସ୍ନାତକୋତ୍ତର ସିଟ୍ ରହିଛି । କୃତକାର୍ଯ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଶ୍ରୀମତୀ ପଟେଲ୍ ପରାମର୍ଶ ଦେଇଛନ୍ତି ।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇ ସ୍ନାତକ ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇବା ସହ କରୁଣା, ନିଷ୍ଠା ଓ ଉତ୍କର୍ଷତାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ସମାବର୍ତ୍ତନ ଉତ୍ସବରେ ୬୮୪ ଜଣ ଛାତ୍ରଛାତ୍ରୀଙ୍କୁ ସ୍ନାତକ ଡିଗ୍ରୀ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଶ୍ରେଷ୍ଠ ଶିକ୍ଷାଗତ ପ୍ରଦର୍ଶନ ପାଇଁ ୩୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୬୧ଟି ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା ।

***Desk***

# ଚଳଚ୍ଚିତ୍ର ପୁରସ୍କାର

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୨୦୨୪ ବର୍ଷ ପାଇଁ ଆଜି ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି । କାର୍ତ୍ତିକ ଆର୍ଯ୍ୟନ ଓ ମାମୁଟ୍ଟିଙ୍କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଅଭିନେତା ଭାବେ ଚୟନ କରାଯାଉଛି । ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ନିର୍ଦ୍ଦେଶିତ ‘ଲହରୀ’ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ମନୋନୀତ ହୋଇଛି । ରାଜକୁମାର ରାଓଙ୍କ ଅଭିନିତ ‘ଶ୍ରୀକାନ୍ତ’କୁ ଶ୍ରେଷ୍ଠ ହିନ୍ଦୀ ସିନେମା ଭାବେ ଚୟନ କରାଯାଇଛି ।

*HS*

# ଆୟୁଷ୍ମାନ ଭାରତ - କର୍କଟ ରୋଗ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ କର୍କଟ ରୋଗର ଚିକିତ୍ସା ସୁବିଧା ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଚଳିତ ବର୍ଷ ବଜେଟ୍‌ରେ ମୁଖ୍ୟମନ୍ତ୍ରୀ କର୍କଟ ଆରୋଗ୍ୟ ଯୋଜନା ସାମିଲ୍ ହୋଇଛି । ଏଥିସହିତ ୧ ୨ ୧ଟି ପ୍ୟାକେଜ୍‌କୁ ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । କର୍କଟ ରୋଗର ଚିକିତ୍ସା ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ପାଣ୍ଠିରୁ ବହନ କରାଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ ସୂଚନା ଦେଇଛନ୍ତି ।

*Nayagarh/R*

# ମନ୍ଦିର ସୌନ୍ଦର୍ଯ୍ୟକରଣ

ନୟାଗଡ଼ ଜିଲ୍ଲା ରଣପୁରର ଶ୍ରୀଜଗନ୍ନାଥ ମନ୍ଦିର ବାହ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମକୁ ବିଧାନସଭା ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ଏବଂ ପୁରୀ ଲୋକସଭା ସାଂସଦ ଡକ୍ଟର ସମ୍ବିତ ପାତ୍ର ଶୁଭାରମ୍ଭ କରିଥିଲେ । ରଣପୁର ଅଞ୍ଚଳରେ ସଂସ୍କୃତି ଓ ବିକାଶର ଧାରା ନିରନ୍ତର ଆଗକୁ ବଢ଼ିବା ସହ

ପର୍ଯ୍ୟଟକମାନଙ୍କପାଇଁ ଏକ ଆକର୍ଷଣୀୟ କ୍ଷେତ୍ର ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

***Sonepur/R***

# ସମ୍ବର୍ଦ୍ଧନା

କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଏବଂ ରାଜ୍ୟ ସରକାରଙ୍କ ୨ ବର୍ଷର ଉପଲବ୍ଧିକୁ ନେଇ ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂହଦେଓଙ୍କଦ୍ୱାରା ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ସୁବର୍ଣ୍ଣପୁରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୫୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

***Nuapada/R***

# ମିଶନ ଫିଟ୍ ନୂଆପଡ଼ା

ନୂଆପଡ଼ା ପୁଲିସ ପକ୍ଷରୁ ସୁସ୍ଥ ଶରୀର, ସୁଦୃଢ଼ ମନ ଓ ନିଶାମୁକ୍ତ ସମାଜ ଗଠନ ବାର୍ତ୍ତା ନେଇ 'ମିଶନ ଫିଟ୍ ନୂଆପଡ଼ା ୱାକାଥନ' ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସ ଏବଂ ଆରକ୍ଷୀ ଅଧୀକ୍ଷକ ଅମ୍ରିତ

ପାଳ ସିଂହଙ୍କ ସମେତ  ବହୁ ବିଶିଷ୍ଟ ବ୍ୟକ୍ତି ଓ୍ୱାକାଥନରେ ଅଂଶଗ୍ରହଣ କରିଥିଲେ ।

***Nayagarh/R***

# ଲୋକ ଅଦାଲତ

ନୟାଗଡ଼ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ବିଧିସେବା ପ୍ରାଧିକରଣର ଅଧ୍ୟକ୍ଷା ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଅଦାଲତରେ ୮୦ଟି ମାମଲା ଚିହ୍ନଟ କରାଯାଇ ସେଥିମଧ୍ୟରୁ ୧୩ଟି ମାମଲାର ଆପୋଷ ସମାଧାନ କରାଯାଇଥିଲା ।

***Nayagarh/R***

# ବ୍ଲକ୍ ସାଧାରଣ ବୈଠକ

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟରେ ଦ୍ୱାଦଶ ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ

କୁମାର ସ୍ୱାଇଁ ଯୋଗଦେଇ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ ।

***Nabarangpur/R***

## ସଚେତନତା କାର୍ଯ୍ୟକ୍ରମ

ନବରଙ୍ଗପୁର ବାପୁଜୀ ପବ୍ଲିକ୍ ବିଦ୍ୟାଳୟଠାରେ ଚାଇଲ୍ ହେଲ୍ପଲାଇନ କର୍ମଚାରୀଙ୍କଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା ।

***Desk***

## ନାଗରିକ ସେବା ଅଭିଯାନ

‘ସ୍ୱଚ୍ଛତା ହିଁ ସେବା’ ଅଭିଯାନର ଆଭିମୁଖ୍ୟକୁ ଆଧାର କରି ପୁରୀ ରଥଯାତ୍ରାରେ ସାମିଲ୍ ହେଉଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସ୍ୱାଗତପାଇଁ ଏକ ବୃହତ୍ ନାଗରିକ ସେବା ଅଭିଯାନ ଜାରି ରହିଛି । ସହରକୁ ନିର୍ମଳ ରଖିବାପାଇଁ ନିରନ୍ତର ଶ୍ରମଦାନ କରୁଥିବା ହଜାର ହଜାର ସଂଖ୍ୟକ ଉତ୍ସର୍ଗୀକୃତ ସଫେଇ କର୍ମଚାରୀ ଏହି ଅଭିଯାନର କର୍ଣ୍ଣଧାର ସାଜିଛନ୍ତି । ମୌସୁମୀ ବର୍ଷା

ପରିସ୍ଥିତି ସତ୍ତ୍ୱେ ସହରକୁ ସ୍ୱଚ୍ଛ, ସୁରକ୍ଷିତ ଏବଂ ଆରାମଦାୟକ ଅନୁଭୂତି ପ୍ରଦାନ କରିବା ନିମନ୍ତେ ପୁରୀ ମହାନଗର ନିଗମ ପକ୍ଷରୁ ଏକ ବୃହତ୍ ନାଗରିକ ସେବା ଯୋଜନା ଆରମ୍ଭ କରାଯାଇଛି । ଏହି ଅଭିଯାନରେ ୧ ହଜାର ୪୫୧ ଜଣ ସଫେଇ କର୍ମଚାରୀ, ୫୭୦ଟି ଆବର୍ଜନା ସଂଗ୍ରହ ଗାଡ଼ି, ୧୫ଟି ସେସ୍‌ପୁଲ୍ ଗାଡ଼ି ଏବଂ ୩ଟି ମେକାନିକାଲ୍ ରୋଡ୍ ସ୍ୱିପିଙ୍ଗ୍ ମେସିନ୍ ନିୟୋଜିତ କରାଯାଇଛି । ଶ୍ରଦ୍ଧାଳୁଙ୍କ ସୁବିଧାପାଇଁ ବିଭିନ୍ନ ଅଞ୍ଚଳରେ ପ୍ରାୟ ୧ ହଜାର ୬ ଶହଟି ଅସ୍ଥାୟୀ ଶୌଚାଳୟର ବ୍ୟବସ୍ଥା କରାଯାଇଛି । ୩ ହଜାର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆଲୋକୀକରଣର ମଧ୍ୟ ବ୍ୟବସ୍ଥା କରାଯାଇଛି ।

***Desk***

# ସ୍ୱତନ୍ତ୍ର ଉନ୍ନୟନ

ସମାଜର ସମସ୍ତ ବର୍ଗ ବିଶେଷକରି ଜନଜାତିଙ୍କ ବିକାଶପାଇଁ ସ୍ୱତନ୍ତ୍ର ଭାବେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀ' ଜନଜାତିଙ୍କ ବିକାଶକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି । ଜନଜାତିଙ୍କ ବିକାଶପାଇଁ ସରକାର ବୈଷୟିକ ଶିକ୍ଷାରେ ସମାନୁପାତିକ ସଂରକ୍ଷଣ, ସହିଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା, ପ୍ରି-ମାଟ୍ରିକ ଛାତ୍ରବୃତ୍ତି ବୃଦ୍ଧି, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନରେ ଅଣୁ

ଉଦ୍ୟୋଗ ପ୍ରତିଷ୍ଠାପାଇଁ ସହାୟତା ପ୍ରଦାନ କରୁଛନ୍ତି । ସେହିପରି କେନ୍ଦ୍ର ସରକାରଙ୍କ ଆଦି କର୍ମଯୋଗୀ, ଧରତୀ ଆବା ଜନ ଭାଗିଦାରୀ ଆଦି ଅଭିଯାନ କାର୍ଯ୍ୟକାରୀ କରାଯାଉଛି । ଅନ୍ତ୍ୟୋଦୟର ମୂଲ୍ୟବୋଧରେ ସମାଜର ଅନ୍ତିମ ଧାଡ଼ି ପର୍ଯ୍ୟନ୍ତ ପହଞ୍ଚି ଜନସାଧାରଣଙ୍କ ନିମନ୍ତେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

***Desk***

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ୧୧ଟି ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

ହୀରାକୁଦ ଜଳଭଣ୍ଡାରରର ଜଳସ୍ତର ବର୍ତ୍ତମାନ ୬୧୦ ଦଶମିକ ୨/୧ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତିସେକେଣ୍ଡରେ ୮୪ ହଜାର ୭୬୭ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୩୨ ହଜାର ୬୦୮ ଘନଫୁଟ ଜଳ ନିଷ୍କାସିତ ହେଉଛି ।

*Bhadrak/R*

# ଜଳମଗ୍ନ

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଭଦ୍ରକ ଜିଲ୍ଲାର ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି । ଜିଲ୍ଲାର ବୈତରଣୀ ନଦୀ ଆଖୁଆପଦାଠାରେ ଜଳସ୍ତର ବିପଦ ସଙ୍କେତ ତଳେ ଥିବାବେଳେ ଶାଖାନଦୀ ଗେଙ୍ଗୁଟି, କୋଚିଲା, ରେବ, କପାଳି, କଣ୍ଡିଆରେ ବନ୍ୟାଜଳ ପ୍ରବେଶ କରିଛି । ଜିଲ୍ଲାର ୭ଟି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ବହୁ ଚାଷଜମି ଜଳମଗ୍ନ ହୋଇଥିବା ଜଣାପଡ଼ିଛି ।

******